



କରିବାକୁ ପଡ଼ିବ । ଏହି ପ୍ରୟାସର ପ୍ରଥମ ଉପଲକ୍ଷ ହେଉଛି ସର୍ଗିଫୁଲ୍ ଉତ୍ସବ । ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା ରଖାଯାଇ ପିଲାମାନଙ୍କୁ ଭାଗ ନେବା ପାଇଁ ଜିଲ୍ଲାସ୍ତରରୁ ଚୟନ କରି ଅଣାଯାଇଛି । ଏଥିରେ ଅନୁଷ୍ଠିତ ବିଭାଗଗୁଡ଼ିକ ମଧ୍ୟରୁ ଥିଏଟର କର୍ମଶାଳା, ଚଳଚ୍ଚିତ୍ର ପ୍ରସ୍ତୁତି କର୍ମଶାଳା, ପେପର କ୍ରାଫ୍ଟ୍ କର୍ମଶାଳା, ଚିତ୍ରାଙ୍କନ କର୍ମଶାଳା, ସୃଜନାତ୍ମକ ରଚନା ଓ ଗଳ୍ପ କଥନ କର୍ମଶାଳା । ପ୍ରତିଷେଧାତ୍ମକ ଶରୀର ଯତ୍ନ କର୍ମଶାଳା, ସୃଜନାତ୍ମକ କ୍ରୀଡ଼ା, ସୃଜନାତ୍ମକ ରଚନା ଓ ଗଳ୍ପ କଥନ କର୍ମଶାଳା । ଶିଶୁ ସାମ୍ବାଦିକତା, ବିଜ୍ଞାନ କ୍ରୀଡ଼ା, ଟେରାକୋଟା, କରାଟେ, ଗଣିତ, ଇନ୍ଦ୍ରଜାଲ, ସୃଜନାତ୍ମକ ନୃତ୍ୟ, ଶାସ୍ତ୍ରୀୟ ନୃତ୍ୟ, ତୀରନ୍ଦାଜୀ ପ୍ରମୁଖ ବିଭାଗର ପ୍ରତିଯୋଗିତାରେ ପିଲାମାନେ ଭାଗ ନେଇ ସେମାନଙ୍କ ପରାକାଷ୍ଠା ଦେଖାଇବେ । ବିଭାଗ ତରଫରୁ ଆୟୋଜିତ ବିଜ୍ଞାନ ମେଳାକୁ ପର୍ଯ୍ୟାବରଣ ଓ ଆମ ପରିବେଶ ଆଧାରିତ କରାଯାଇଛି ଯେପରିକି ପିଲାମାନେ ସେମାନଙ୍କ ଜ୍ଞାନର ଉପଯୁକ୍ତ ପାରଦର୍ଶିତା ଦେଖାଇ ତାଙ୍କର ସ୍ୱାକ୍ଷର ଦେଇଯିବେ ।

ଏହି ଉତ୍ସବ ଓ ଏତଦ୍ ଉଦ୍ଦେଶ୍ୟରେ ଆୟୋଜିତ ପ୍ରତ୍ୟେକ କର୍ମଶାଳାକୁ ସଫଳ କରିବା ପାଇଁ ଆମ ସହିତ ସହଯୋଗର ହାତ ବଢ଼ାଇଛନ୍ତି, କଳିଙ୍ଗ ଇଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସ; ୟୁନିସେଫ୍, ଓଡ଼ିଶା; ବକୁଳ ଫାଉଣ୍ଡେସନ୍; ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ; ପ୍ରମୁଖ ସଂସ୍ଥା ଓ ବିଭାଗ । ନିକଟରେ ସେମାନଙ୍କର ପରାମର୍ଶ ଏବଂ ମାର୍ଗଦର୍ଶନ କ୍ରମେ ଭୁବନେଶ୍ୱରସ୍ଥ ଆଦିବାସୀ ପ୍ରଦର୍ଶନୀ ପଡ଼ିଆରେ ଡିସେମ୍ବର ୨୬ରୁ ୨୮ ଡିସେମ୍ବର ୨୦୧୧ ପର୍ଯ୍ୟନ୍ତ ତିନି ଦିନ ବ୍ୟାପୀ ଉତ୍ସବକୁ ମହୋତ୍ସବରେ ପରିଣତ କରିବା ପାଇଁ ଆବଶ୍ୟକ ବନ୍ଦୋବସ୍ତ କରାଯାଇଥିଲା । ପିଲାମାନଙ୍କ ରହିବା, ଖାଦ୍ୟପେୟ ଓ ଯାତାୟାତ ପାଇଁ ସୁବ୍ୟବସ୍ଥା ମଧ୍ୟ କରାଯାଥିଲା ପ୍ରତ୍ୟେକ ସନ୍ଧ୍ୟାରେ ସେମାନେ ନିଜ ନିଜର ପରାକାଷ୍ଠା ପ୍ରଦର୍ଶିତ କରି "ଆମେ ସମର୍ଥ" କାର୍ଯ୍ୟକ୍ରମକୁ ସାକାର କରିଥିଲେ । ସର୍ଗିଫୁଲ୍ର ଉଦ୍ଦେଶ୍ୟକୁ ଯେ ସମସ୍ତେ ସାଫଲ୍ୟମଣ୍ଡିତ କରିବା ପାଇଁ ଶତପ୍ରତିଶତ ଚେଷ୍ଟା କରିଥିଲେ ତାହା ହିଁ ଆନନ୍ଦର କଥା ।

**ସନ୍ତୋଷ କୁମାର ଷଡ଼ଙ୍ଗୀ**

କମିଶନର ତଥା ଶାସନ ସଚିବ

ସରଗି ଫୁଲ

# 'ସରଗିଫୁଲ୍', ରାଜ୍ୟସ୍ତରୀୟ ଛାତ୍ରଛାତ୍ରୀ ମହୋତ୍ସବ-୨୦୧୧

(ଆୟୋଜକ - ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ, ଓଡ଼ିଶା ସରକାର)
ତାରିଖ - ୨୬ ଡିସେମ୍ବରରୁ ୨୮ ଡିସେମ୍ବର ୨୦୧୧,
ସ୍ଥାନ- ଆଦିବାସୀ ପଡ଼ିଆ, ୟୁନିଟ୍-୧, ଭୁବନେଶ୍ୱର-୯

## ଉଦ୍‌ଘାଟନୀ ଉତ୍ସବ-୨୬.୧୨.୨୦୧୧, ସମୟ-ପୂର୍ବାହ୍ନ ୧୧ଟା

ମୁଖ୍ୟ ଅତିଥି - ୟୁନିସେଫ୍ ଓଡ଼ିଶା ଶାଖାର ମୁଖ୍ୟ କ୍ଷେତ୍ର ଅଧିକାରୀ **ସୁଶ୍ରୀ ସାଇରୋଜ ମାଓଜୀ ।**

ସଭାପତି - ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର କମିଶନର ତଥା ଶାସନ ସଚିବ **ଶ୍ରୀ ସନ୍ତୋଷ କୁମାର ଷଡ଼ଙ୍ଗୀ ।**

ସ୍ୱାଗତ ଭାଷଣ - ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗର ନିର୍ଦ୍ଦେଶକ **ଶ୍ରୀ ସୁଶିଲ୍ କୁମାର ପୋପ୍‌ଲି ।**

ଧନ୍ୟବାଦ ଅର୍ପଣ - ଅନୁସୂଚିତ ଜନଜାତି ଭାଷା ଓ ସଂସ୍କୃତି ଏକାଡ଼େମୀର ସଦସ୍ୟ ସଚିବ **ଶ୍ରୀ ବିଶ୍ୱର କୁମାର ନାୟକ ।**

ମୁଖ୍ୟ ଅତିଥିଙ୍କ ଦ୍ୱାରା ପ୍ରଥମେ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ଉଦ୍‌ଘାଟିତ ହେବା ପରେ 'ସରଗିଫୁଲ୍', ରାଜ୍ୟସ୍ତରୀୟ ଛାତ୍ରଛାତ୍ରୀ ମହୋତ୍ସବ ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଥିଲା ।

୨୦୧୦ର ବିରାଟ ସଫଳତା ପରେ ୨୦୧୧ ଡିସେମ୍ବର ୨୬ ରୁ ୨୮ ତାରିଖ ମଧ୍ୟରେ ସରଗିଫୁଲ ୨୦୧୧ ଅନୁସୂଚିତ ଜନଜାତି ଓ ଅନୁସୂଚିତୟ ଜାତି ଉନ୍ନୟନ ବିଭାଗର ସହାସ୍ରାଧିକ ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ବର୍ତ୍ତୁଳାକୃତି ପୁଷ୍ପାକୃତି ଓ ମେରିଗୋ ରାଉଣ୍ଡ ଆକୃତିର ଭବ୍ୟ ମଞ୍ଚ ସମୂହରେ ଏହି ବିଭାଗର ପିଲାମାନେ ସେମାନଙ୍କର ଅନୁଭୂତି କୃତି ପ୍ରଦର୍ଶିତ କରି ଆହ୍ଲାଦିତ ହୋଇଥିଲେ । ଡିସେମ୍ବର ୨୬ ପୂର୍ବାହ୍ନ ୯ଘଟିକାରେ ସରଗିଫୁଲ ଉତ୍ସବ ୟୁନିସେଫ୍ ଓଡ଼ିଶା ମୁଖ୍ୟଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ଏହି ଉତ୍ସବରେ ୧୭ଗୋଟି ବିଭାଗରେ ବିଭିନ୍ନ ପ୍ରତିଯୋଗୀତା ମୂଳକ ଓ ସୃଜନାତ୍ମକ କର୍ମଶାଳା ଅନୁଷ୍ଠିତ ହୋଇଥିଲା । ସେଗୁଡ଼ିକ ହେଲା ଓଡ଼ିଶା ନୃତ୍ୟ (ବରିଷ୍ଠ), ମଞ୍ଚାଭିନୟ (ବରିଷ୍ଠ), ବିଜ୍ଞାନ କ୍ରୀଡ଼ା (ବରିଷ୍ଠ ଓ କନିଷ୍ଠ), ସୃଜନାତ୍ମକ କ୍ରୀଡ଼ା (କନିଷ୍ଠ), ବେଷ୍ଟ ଓ ୱେଷ୍ଟ (କନିଷ୍ଠ), କାଗଜ କ୍ରାଫ୍‌ଟ (ବରିଷ୍ଠ ଓ କନିଷ୍ଠ), ଯାଦୁବିଦ୍ୟା (ବରିଷ୍ଠ), କଣ୍ଢେଇ ନୃତ୍ୟ (କନିଷ୍ଠ). ଶିଶୁ ସାମ୍ବାଦିକ (ବରିଷ୍ଠ ଓ କନିଷ୍ଠ), ଚିତ୍ରାଙ୍କନ (ବରିଷ୍ଠ ଓ କନିଷ୍ଠ), ସୃଜନାତ୍ମକ ଲେଖା (ବରିଷ୍ଠ ଓ କନିଷ୍ଠ), ମୃଣମୟ କଳା (ବରିଷ୍ଠ ଓ କନିଷ୍ଠ), ଗଣିତ ଖେଳ (ବରିଷ୍ଠ ଓ କନିଷ୍ଠ), ଫଟୋଗ୍ରାଫି (ବରିଷ୍ଠ), ଆନିମେସନ୍(ବରିଷ୍ଠ), କମ୍ୟୁନିକେସନ୍ ସ୍କିଲ୍ (ବରିଷ୍ଠ), ସୃଜନାତ୍ମକ ନୃତ୍ୟ (ବରିଷ୍ଠ ଓ କନିଷ୍ଠ) । ଏହି କାର୍ଯ୍ୟକ୍ରମ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଥିଲା ଏବଂ ପିଲାମାନେ ଏଥିରେ ଯୋଗଦାନ ପୂର୍ବକ ଭରପୁର ଆନନ୍ଦ ନେଇଥିଲେ । ଅପରାହ୍ନରେ ପିଲାମାନେ ବିବିଧ ଦର୍ଶନୀୟ ସ୍ଥାନ ପରିଦର୍ଶନରେ ଯାଇଥିଲେ ।

ଦ୍ୱିତୀୟ ଦିନ : ପୂର୍ବାହ୍ନରେ ବିବିଧ ପ୍ରତିଯୋଗୀତା କାର୍ଯ୍ୟକ୍ରମମାନ ଆୟୋଜନ ହୋଇଥିଲା ଓ ଅପରାହ୍ନ ଅଧିବେଶନ ସଂପୂର୍ଣ୍ଣ ରୂପେ ସାଂସ୍କୃତିକ କାର୍ଯ୍ୟକ୍ରମ ରୂପେ ବିନିଯୋଗ ହୋଇଥିଲା ।

# ଉତ୍ସବର କେତେଗୋଟି ଝଲକ ଆଲୋକ ଚିତ୍ରରେ

















## ଉଦ୍‌ଯାପନୀ ଉତ୍ସବ-୨୮.୧୨.୨୦୧୧, ସମୟ-ସଂଧ୍ୟା ୬.୩୦ଟା

ମୁଖ୍ୟ ଅତିଥି - ମୁଖ୍ୟ ଶାସନ ସଚିବ, ଓଡ଼ିଶା ସରକାର ।
ସମ୍ମାନିତ ଅତିଥି - ସଦସ୍ୟ, ରାଜସ୍ୱ ପର୍ଷଦ, କଟକ
ବରେଣ୍ୟ ଅତିଥି - KISS ର ପ୍ରତିଷ୍ଠାତା ସଦସ୍ୟ ଡ. ଅଚ୍ୟୁତ ସାମନ୍ତ

ସର୍ଗିଫୁଲ୍ ଛାତ୍ରଛାତ୍ରୀ ମହୋତ୍ସବ ପ୍ରଥମେ ୨୦୧୦ ମସିହାରେ ଆମ ବିଭାଗ ଦ୍ୱାରା ଆୟୋଜିତ ହୋଇଥିଲା । ପ୍ରତିବର୍ଷ ଏହି ଉତ୍ସବ ଆୟୋଜନ କରାଯିବା ପାଇଁ ବିଗତ ବର୍ଷ ନିଷ୍ପତ୍ତି ହୋଇଥିଲା ।

ସର୍ଗିଫୁଲ୍ ୨୦୧୧ ମହୋତ୍ସବ ଡିସେମ୍ବର ୨୬ରୁ ୨୮ ତାରିଖ ପର୍ଯ୍ୟନ୍ତ ୩ ଦିନ ଧରି ଚ୍ଲିଥିଲା । ୨୬ ତାରିଖ ଦିନ ଏହି ମେଳା ଉଦ୍‌ଘାଟିତ ହୋଇଥିଲା । ଉଦ୍‌ଘାଟନ ଦିବସରେ ପିଲାଙ୍କ ଲେଖାରେ ସମୃଦ୍ଧ ସର୍ଗିଫୁଲ୍ ପତ୍ରିକା ଉନ୍ମୋଚିତ ହୋଇଥିଲା । ଆଶା କରୁଛି ଏହି ପତ୍ରିକା ପିଲମାନଙ୍କ ନିକଟରେ ପହଞ୍ଚିବ ଏବଂ ସେମାନେ ଲେଖାଲେଖି ପାଇଁ ଅନୁପ୍ରାଣିତ ହେବେ । ଏହି ଉତ୍ସବରେ ରାଜ୍ୟର ସମସ୍ତ ଜିଲ୍ଲାର କେବଳ ବିଭାଗୀୟ ଆଶ୍ରମ ସ୍କୁଲ, ସେବାଶ୍ରମ, ଉଚ୍ଚ ବିଦ୍ୟାଳୟ, ଆବାସିକ ବିଦ୍ୟାଳୟ, ଏକଲବ୍ୟ ଆଦର୍ଶ ବିଦ୍ୟାଳୟ ଓ ଶିକ୍ଷା ପୁଞ୍ଜରେ ପଞ୍ଚମରୁ ଦଶମ ଶ୍ରେଣୀରେ ପଢୁଥିବା ପ୍ରାୟ ୭୫୦ ଜଣ ଛାତ୍ରଛାତ୍ରୀ, ଏବଂ ୧୫୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ଏହି ଉତ୍ସବରେ ଅଂଶଗ୍ରହଣ କରିବା ପାଇଁ ଗତ ନଭେମ୍ବର ମାସରେ ଜିଲ୍ଲାସ୍ତରରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇ କେବଳ ଶ୍ରେଷ୍ଠ ବିଜେତାଙ୍କୁ ହିଁ ଚୟନ କରାଯାଇଥିଲା । 'ସର୍ଗିଫୁଲ୍' -୨୦୧୧ ଉତ୍ସବରେ ପ୍ରତ୍ୟେକ ଦିନ ସକାଳ ୯ଟାରୁ ଦିନ ୧ଟା ପର୍ଯ୍ୟନ୍ତ Odishi Dance, Theatre, Science Game, Creative Game, Best of Waste, Paper Craft, Magic, Puppetry, Child Reporting, Painting, Creative writing, Clay Modeling, Math Game, Photography, Animation, Communication skill, Creative Dance ଆଦି ୧୭ଟି ବିଷୟରେ ସିନିୟର ଓ ଜୁନିୟର ବିଭାଗ ପାଇଁ ୨୫ଟି କର୍ମଶାଳା ଆୟୋଜିତ ହୋଇଥିଲା ।

ଏତତ୍ ବ୍ୟତୀତ ରାଜ୍ୟସ୍ତରୀୟ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇଥିଲା । ୨୭ ତାରିଖ ଅପରାହ୍ନ ୨ ଟାରୁ ୫ଟା ପର୍ଯ୍ୟନ୍ତ ଉଭୟ ସିନିୟର ଓ ଜୁନିୟର ବିଭାଗ ପାଇଁ Debate, Elocution, Math Quiz, Science Quiz, General Quiz, Solo Song, Solo Dance, Creative Writing, Art and Painting ଓ Archery ଆଦି ୧୦ଟି ବିଷୟ ଉପରେ ପ୍ରତିଯୋଗିତା ଆୟୋଜିତ ହୋଇ ଶ୍ରେଷ୍ଠ ପ୍ରତିଯୋଗୀ ଚୟନ କାର୍ଯ୍ୟ ସଂପନ୍ନ ହୋଇଥିଲା । ୨୬ ଓ ୨୭ ଡିସେମ୍ବର ସଂଧ୍ୟାରେ ବିଭିନ୍ନ ଜିଲ୍ଲାରୁ ଆସିଥିବା ଛାତ୍ରଛାତ୍ରୀମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରି ସର୍ଗିଫୁଲ୍ ଉତ୍ସବକୁ ରଙ୍ଗିନ୍ କରିଥିଲେ ।

ଛାତ୍ରଛାତ୍ରୀମାନେ ପୁରୀ ଓ କୋଣାର୍କ ଏବଂ ଧଉଳି ଆଦି ସ୍ଥାନକୁ ପରିଭ୍ରମଣରେ ଯାଇ ବୁଲିବାର ମଉଜ ନେଇଥିଲେ । Sports, Adventures Sports, Games, Literature, Acting, Singing, Dance, ଆଦି ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା Top Personalities ମାନଙ୍କ ସହିତ interaction ୨୮ ତାରିଖ ଅପରାହ୍ନ ସମୟରେ ଅନୁଷ୍ଠିତ ହୋଇ ପିଲାମାନେ ଉତ୍ସାହିତ ହୋଇଥିଲେ ।

ଉତ୍ସବଟିକୁ ସୁନ୍ଦର କରିବା ପାଇଁ ଫୁଲର ପାଖୁଡ଼ା ଢଙ୍ଗରେ ରଙ୍ଗବେରଙ୍ଗର ଷ୍ଟଲ୍ ଖୋଲା ଯାଇଥିଲା ।

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତିର ଛାତ୍ରଛାତ୍ରୀମାନଙ୍କ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଓ ସେମାନଙ୍କର ଦକ୍ଷତାକୁ ଆହୁରି ବିକଶିତ କରିବା ଏହି ଉତ୍ସବର ମୁଖ୍ୟ ଉଦ୍ଦେଶ୍ୟ । ଏଥିରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନେ ନିଜ ନିଜ ମଧ୍ୟରେ ଭାବବିନିମୟ କରିବା ସହିତ ବିଭିନ୍ନ କର୍ମଶାଳାରୁ ଶିକ୍ଷା ଲାଭ କରି ଯେଉଁ ଅନୁଭୂତି ଗ୍ରହଣ କରିଛନ୍ତି, ତାହାକୁ ନିଜ ବିଦ୍ୟାଳୟ ତଥା ଆଖପାଖ ବିଦ୍ୟାଳୟକୁ ମଧ୍ୟ ସଂପ୍ରସାରିତ କରିବେ ।

ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ପାଇଁ ରହିବା, ଖାଇବା, ଯାତାୟାତ ଏବଂ ଉତ୍ସବର ଭରପୂର ଆନନ୍ଦ ଉଠାଇବା ପାଇଁ ସମସ୍ତ ବନ୍ଦୋବସ୍ତ ବିଭାଗ ତରଫରୁ କରାଯାଇଥିଲା । ସର୍ବସାଧାରଣଲୋକେ ପ୍ରତ୍ୟହ ସନ୍ଧ୍ୟାରେ ଏହି ଉତ୍ସବରେ ପରିବେଷିତ ହେବାକୁ ଥିବା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରି ମେଳାର ମଉଜ ନେଇଥିଲେ । ❑❑❑











